# REGIONAL NEWS UNIT, AIR CUTTACK
## Midday Bulletin (2.32PM)
### 22 May - 2026

*********************************

## ମୁଖ୍ୟ ସମ୍ବାଦ

- ଦେଶର ସୀମାକୁ ଅଭେଦ୍ୟ କରିବା ଲାଗି ସରକାର ଆରମ୍ଭ କରିବେ ସ୍ମାର୍ଟ ସୀମା ପ୍ରକଳ୍ପ; କହିଲେ ସ୍ୱରାଷ୍ଟ୍ରମନ୍ତ୍ରୀ
- ଗଞ୍ଜାମ ଜିଲ୍ଲା ବସ୍ ଦୁର୍ଘଟଣାରେ ଛଅ ଜଣଙ୍କର ମୃତ୍ୟୁ; ମୃତକଙ୍କ ପରିବାର ପାଇଁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ
- 'ବୈଶ୍ୱିକ ପରିବର୍ତ୍ତନ ପାଇଁ ସ୍ଥାନୀୟ ଉଦ୍ୟମ' ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି 'ଅନ୍ତର୍ଜାତୀୟ ଜୈବବିବିଧତା ଦିବସ'

ଏବଂ

- ଓଡ଼ିଶା ଓ ପାର୍ଶ୍ୱବର୍ତ୍ତୀ ଅଂଚଳରେ ସକ୍ରିୟ ହେଲା ଘୂର୍ଣ୍ଣିବଳୟ

## ଶାହା-ବିଏସ୍ଏଫ୍

ସରକାର ଦେଶର ସୀମାକୁ ଅଭେଦ୍ୟ କରିବା ଲାଗି ସ୍ମାର୍ଟ ସୀମା ପ୍ରକଳ୍ପ ଆରମ୍ଭ କରିବେ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି। ନୂଆଦିଲ୍ଲୀରେ ଆଜି ସୀମା ସୁରକ୍ଷା ବଳ -ବିଏସ୍ଏଫ୍ର ଅଳଙ୍କରଣ ସମାରୋହରେ ଉଦ୍‌ବୋଧନ ଦେଇ ଶ୍ରୀ ଶାହା କହିଛନ୍ତି, ସ୍ମାର୍ଟ ସୀମା ପ୍ରକଳ୍ପରେ ଦେଶର ସୀମାକୁ ଡ୍ରୋନ୍, ରାଡାର, କ୍ୟାମେରା ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ସମ୍ବଳ ବ୍ୟବହାର କରାଯାଇ ସଶକ୍ତ କରାଯିବ । ସୀମା ସୁରକ୍ଷା ବଳର ସୁରକ୍ଷା ବ୍ୟବସ୍ଥା ଅଧୀନରେ ଆସନ୍ତା ୧ ବର୍ଷ ମଧ୍ୟରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯିବ ।

**-V/O -**

ଶ୍ରୀ ଶାହା ଏହି ଅବସରରେ ଅବୈଧ ଅନୁପ୍ରବେଶ, ନିଶାଦ୍ରବ୍ୟ କାରବାର, ଅସ୍ତ୍ରଶସ୍ତ୍ର ଏବଂ ନକଲୀ ମୁଦ୍ରା କାରବାର, ସୀମା ସୁରକ୍ଷା ଦିଗରେ ଆହ୍ୱାନ ପାଲଟିଥିବା କହିଛନ୍ତି ।

## ଧର୍ମେନ୍ଦ୍ର ପ୍ରଧାନ

ଦେଶରେ ମାତୃଭାଷା ଆଧାରିତ ଶିକ୍ଷାର ଆବଶ୍ୟକତା ରହିଛି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ନୂଆଦିଲ୍ଲୀରେ ଏକ ସମ୍ମିଳନୀରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ଆଜିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ନୂତନ ଜାତୀୟ ଶିକ୍ଷାନୀତିର ପରିକଳ୍ପନା କରାଯାଇଛି। ଏଥିରେ ନବସୃଜନ,

ପ୍ରଯୁକ୍ତିବିଦ୍ୟା, ଅନୁସନ୍ଧାନ ଆଦିକୁ ଗୁରୁତ୍ୱ ଦିଆଯାଇଛି। ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନ କରିବାକୁ ହେଲେ ଦାସତ୍ୱର ମାନସିକତା ତ୍ୟାଗ କରିବାକୁ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

# ଇସି-ବାଇନାଲ୍ ଇଲେକ୍ସନ

୧୦ଟି ରାଜ୍ୟର ୨୪ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ଆୟୋଗ ନିର୍ବାଚନ ସୂଚୀ ଘୋଷଣା କରିଛନ୍ତି। ଆନ୍ଧ୍ରପ୍ରଦେଶ, ଗୁଜରାଟ, କର୍ଣ୍ଣାଟକର ୪ଟି ଲେଖାଏଁ ଆସନ ନିମନ୍ତେ ନିର୍ବାଚନ ହେବାକୁ ଥିବା ବେଳେ ରାଜସ୍ଥାନ ଏବଂ ମଧ୍ୟପ୍ରଦେଶର ୩ଟି ଲେଖାଏଁ, ଝାଡ଼ଖଣ୍ଡର ୨ଟି, ମଣିପୁର, ମେଘାଳୟ, ଅରୁଣାଚଳପ୍ରଦେଶ ଏବଂ ମିଜୋରାମର ଗୋଟିଏ ଲେଖାଏଁ ଆସନ ପାଇଁ ନିର୍ବାଚନ ହେବ। ଆସନ୍ତାମାସ ପହିଲାରେ ନିର୍ବାଚନ ନିମନ୍ତେ ବିଜ୍ଞପ୍ତି ଜାରି କରାଯିବ ଓ ଜୁନ୍ ୧୮ ତାରିଖରେ ଆବଶ୍ୟକସ୍ଥଳେ ଭୋଟ୍ ଗ୍ରହଣ କରାଯିବ। ସେହିଦିନ ଭୋଟ ଗଣତି କରାଯିବ।

# ରବି ଧାନ

**ସମ୍ବଲପୁର**ରେ ରବିଧାନ ସଂଗ୍ରହ ନେଇ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ଏପର୍ଯ୍ୟନ୍ତ ୧ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ଆଗାମୀ ଦିନରେ ମଧ୍ୟ ଧାର୍ଯ୍ୟ ସମୟ ମଧ୍ୟରେ ଚାଷୀଙ୍କଠାରୁ ଧାନ କିଣାଯିବ ବୋଲି ମନ୍ତ୍ରୀ

କହିଛନ୍ତି।  ଏଥିସହ ମୁଖ୍ୟମନ୍ତ୍ରୀଙ୍କଠାରୁ ସ୍ୱତନ୍ତ୍ର ନିର୍ଦ୍ଦେଶ ଅଣାଯାଇ ତଳିଆ ଜମିରେ ଚାଷ ହୋଇଥିବା ଧାନକୁ କିଣାଯିବା ପାଇଁ ଉଦ୍ୟମ କରାଯିବ।

## ଇର୍ଣ୍ଟର୍ଣ୍ଣସିପ୍ ଓ କମ୍ୟୁନିଟି ସର୍ଭିସ୍

ଉଚ୍ଚଶିକ୍ଷାନୁଷ୍ଠାନମାନଙ୍କରେ ଗୁଣାତ୍ମକ ଓ ଗବେଷଣାତ୍ମକ ଶିକ୍ଷା ପ୍ରଦାନ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଇଣ୍ଟର୍ଣ୍ଣସିପ୍ ଓ କମ୍ୟୁନିଟି ସର୍ଭିସ୍ ମାଧ୍ୟମରେ ଛାତ୍ରଛାତ୍ରୀମାନେ ଉତ୍ତମ ପ୍ରଦର୍ଶନ କରିବାର ସୁଯୋଗ ପାଇବେ ବୋଲି ମନ୍ତ୍ରୀ କହିଛନ୍ତି। ଚଳିତ ଶିକ୍ଷାବର୍ଷରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରହିଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରାୟ ୧ ଲକ୍ଷ ୧୮ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଇଣ୍ଟର୍ଣ୍ଣସିପ୍ ଓ କମ୍ୟୁନିଟି ସର୍ଭିସ୍ ସୁଯୋଗ ପ୍ରଦାନ କରାଯାଇଛି। ଛାତ୍ରଛାତ୍ରୀମାନଙ୍କୁ ସରକାରଙ୍କ ବିଭିନ୍ନ ବିଭାଗ ଅଧୀନରେ ଥିବା କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଅଙ୍ଗନୱାଡି, ପଂଚାୟତ ସମିତି କାର୍ଯ୍ୟାଳୟ, ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ  ଇଣ୍ଟର୍ଣ୍ଣସିପ ସୁଯୋଗ ପ୍ରଦାନ କରାଯାଇଛି। କାର୍ଯ୍ୟ ଦକ୍ଷତା ଆଧାରରେ ଛାତ୍ରଛାତ୍ରୀଙ୍କୁ ଛଅ ସପ୍ତାହର ଇର୍ଣ୍ଟର୍ଣ୍ଣସିପ ଶେଷ ହେବା ପରେ ସେମାନଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯିବ।

## ଦୁର୍ଘଟଣା

**ଗଞ୍ଜାମ** ଜିଲ୍ଲାର ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଲଡକାପଲ୍ଲୀ ଛକରେ ବସ୍ ସହ ଅଟୋ ମୁହାଁମୁହିଁ ଧକ୍କା ଫଳରେ  ଛଅଜଣଙ୍କ ମୃତ୍ୟୁ ହୋଇଛି। ଚାରିଜଣ ଗୁରୁତର ଆହତଙ୍କୁ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଗୋଟିଏ ଅଟୋରେ ୧୦ ଜଣ ଯାଉଥିବାବେଳେ ଏକ

ଯାତ୍ରୀବାହୀ ବସ୍ ଅଟୋକୁ ଧକ୍କା ଦେଇଥିଲା। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ଏହା ସହ ମୃତକଙ୍କ ପରିବାରବର୍ଗଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତାରାଶି ଘୋଷଣା କରିଛନ୍ତି। ଦୁର୍ଘଟଣାରେ ଆହତମାନଙ୍କ ଉତ୍ତମ ଚିକିତ୍ସା ପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ରଥଯାତ୍ରା ପ୍ରସ୍ତୁତି ବୈଠକ

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ପ୍ରସ୍ତୁତି ନେଇ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ନାନଯାତ୍ରାଠାରୁ ନୀଳାଦ୍ରୀବିଜେ ପର୍ଯ୍ୟନ୍ତ ଶୃଙ୍ଖଳିତ ଭାବେ ନୀତିକାନ୍ତି ପାଇଁ ବୈଠକରେ ଆଲୋଚନା ହୋଇଛି।

## - V/O –

## ଅନୁପ୍ରବେଶ ଗାଇଡ୍‌ଲାଇନ୍

ରାଜ୍ୟରେ ବେଆଇନ୍ ଭାବେ ରହୁଥିବା ଅନୁପ୍ରବେଶକାରୀ କିମ୍ବା ବିଦେଶୀ ନାଗରିକଙ୍କ ବିରୋଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ନିଆଯିବା ନେଇ ସ୍ୱଷ୍ଟ ଓ ବିସ୍ତୃତ ଆଇନ ନ ଥିବା ପରିପ୍ରେକ୍ଷୀରେ ଓଡ଼ିଶା ହାଇକୋର୍ଟ ରାଜ୍ୟ ସରକାରଙ୍କ ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ମାର୍ଗଦର୍ଶିକା ଜାରି କରିଛନ୍ତି। ବିଶେଷକରି ଏଭଳି ଅନୁପ୍ରବେଶକାରୀଙ୍କ ପାଇଁ ଥିବା ଅଟକ କେନ୍ଦ୍ରଗୁଡ଼ିକର କାର୍ଯ୍ୟକାରିତା

ସମ୍ପର୍କରେ ମାର୍ଗଦର୍ଶିକା ପ୍ରସ୍ତୁତ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବାଂଲାଦେଶରୁ ଆସି ପ୍ରାୟ ୩୫ ବର୍ଷ ଧରି ବସବାସ କରୁଥିବା ଜଣେ ବ୍ୟକ୍ତିଙ୍କୁ ଜାମିନ ପ୍ରଦାନ କରିବା ସମୟରେ ହାଇକୋର୍ଟ ଏହି ରାୟ ପ୍ରଦାନ କରିଛନ୍ତି।

# ହାଇକୋର୍ଟ ଗ୍ରୀଷ୍ମ ଅବକାଶ

ଓଡ଼ିଶା ହାଇକୋର୍ଟର ଗ୍ରୀଷ୍ମ ଅବକାଶ ଆସନ୍ତା ୨୫ ତାରିଖରୁ ଆରମ୍ଭ ହୋଇ ଜୁନ୍ ମାସ ୨୧ ତାରିଖ ପର୍ଯ୍ୟନ୍ତ  ରହିବ। ଏହି ଅବଧି ମଧ୍ୟରେ ୮ ଦିନ ଅବକାଶକାଳୀନ ଅଦାଲତ ବସିବ। ଜୁନ ୨୨ ତାରିଖରେ ପୁନର୍ବାର ଅଦାଲତ କାର୍ଯ୍ୟ ଆରମ୍ଭ ହେବ। କୋର୍ଟର କାର୍ଯ୍ୟଧାରା ଓ ଜରୁରୀ ମାମଲାର ଶୁଣାଣି ସମ୍ପର୍କରେ ହାଇକୋର୍ଟଙ୍କ ପକ୍ଷରୁ ସ୍ୱତନ୍ତ୍ର ବିଜ୍ଞପ୍ତି ଜାରି କରାଯାଇଛି। ଅବକାଶକାଳୀନ ଅଦାଲତଗୁଡ଼ିକ ପୂର୍ବାହ୍ଣ ୧୧ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଚାଲିବ।

## ସମୀକ୍ଷା

ପର୍ଯ୍ୟଟନ ସଚିବ ବଲଓ୍ୱନ୍ତ ସିଂ ଓ ବାଣିଜ୍ୟ ଓ ପରିବହନ ସଚିବ ଏନ୍.ଭି.ଏସ୍ ରାଜପୁତ **ଭଦ୍ରକ** ଜିଲ୍ଲା ଚାନ୍ଦବାଲି ଗସ୍ତରେ ଯାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଚାନ୍ଦବାଲିରେ ନିର୍ମାଣଧୀନ ସଂଗ୍ରହାଳୟ, ଇକୋଟୁରିଜିମ୍ ପାର୍କ, ଆଖଣ୍ଡଳମଣି ମନ୍ଦିରର ପରିକ୍ରମା ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

## ଭ୍ରୂଣହତ୍ୟା ସଚେତନତା

**ନୂଆପଡା** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଲିଙ୍ଗ ଚୟନ ଓ ଭ୍ରୂଣହତ୍ୟା ରୋକିବା ସମ୍ପର୍କରେ ଏକ ସମୀକ୍ଷା ବୈଠକ ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏ ସମ୍ପର୍କରେ ରହିଥିବା ସରକାରୀ ଆଇନ୍, ଦାୟିତ୍ୱ ଓ ଜନସଚେତନତା ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ବିପର୍ଯ୍ୟୟ ପରିଚାଳନା ବୈଠକ

**ରାୟଗଡ଼ା** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବିପର୍ଯ୍ୟୟ ପରିଚାଳନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବନ୍ୟା ପୂର୍ବପ୍ରସ୍ତୁତି, ସତର୍କତାମୂଳକ ପଦକ୍ଷେପ ଏବଂ ବିଭିନ୍ନ ବିଭାଗର ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରାଯାଇଛି।

# ଜୈବ ବିବିଧତା ଦିବସ

ପ୍ରାକୃତିକ ବିପର୍ଯ୍ୟୟ, ଦ୍ରୁତ ଶିଳ୍ପାୟନ, ସହରୀକରଣ, ଖଣିଖନନ, ବନାଗ୍ନି ଯୋଗୁଁ ହେଉଥିବା ପ୍ରକୃତିର ବିନାଶ ଏବଂ ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ସମ୍ବନ୍ଧରେ ସଚେତନତା ସୃଷ୍ଟି ପାଇଁ ବିଶ୍ୱରେ ଆଜି ଜୈବ ବିବିଧତା ଦିବସ ପାଳନ କରାଯାଉଛି । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ବୈଶ୍ୱିକ ପରିବର୍ତ୍ତନ ପାଇଁ ସ୍ଥାନୀୟ ଉଦ୍ୟମ' । ମିଳିତ ଜାତିସଂଘ ପକ୍ଷରୁ ୨୦୦୬ମସିହାରୁ ଆଜିର ଦିନକୁ ଆନ୍ତର୍ଜାତିୟ ଜୈବ ବିବିଧତା ଦିବସଭାବେ ପାଳନ କରାଯାଉଛି। ଜୀବଜଗତକୁ ଅକ୍ଷୂର୍ଣ୍ଣ ରଖିବା

ଆବଶ୍ୟକ, ଏହାର ସଂରକ୍ଷଣ ଏବଂ ଅଗ୍ରାଧିକାର ଭିତ୍ତିରେ ସମୁଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଏହି ଦିବସ ପାଳନର ମୂଳଲକ୍ଷ୍ୟ ।

ଜୈବ ବିବିଧତାର ସୁରକ୍ଷା ଓ ଚିରସ୍ଥାୟୀ ପରିଚାଳନା ପାଇଁ ସମସ୍ତେ ଦୃଢ଼ ସଂକଳ୍ପବଦ୍ଧ ହେବା ଆବଶ୍ୟକ ବୋଲି **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ କହିଛନ୍ତି। ଅଲିଭ୍ ରିଡ୍ଲେ ସାମୁଦ୍ରିକ କଇଁଛ, ବିଲୁପ୍ତପ୍ରାୟ ଓ ବିରଳ ଉଦ୍ଭିଦ, ପ୍ରାଣୀ ପ୍ରଜାତିର ସୁରକ୍ଷା ଆଜିର ଦିନରେ ଅତ୍ୟନ୍ତ ଆବଶ୍ୟକ।

ଜଙ୍ଗଲୀ ଫସଲ ପ୍ରଜାତି ଓ ପ୍ରାକୃତିକ ସମ୍ପଦର ସଂରକ୍ଷଣ ଚିରସ୍ଥାୟୀ କୃଷି ପାଇଁ ଅତ୍ୟନ୍ତ ଜରୁରୀ। ସମସ୍ତେ ମିଳିମିଳି ସମୃଦ୍ଧ ଜୈବ ବିବିଧତାର ସୁରକ୍ଷା ପ୍ରତି ପ୍ରତିବଦ୍ଧତାର ସହିତ କାର୍ଯ୍ୟ କରିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଆୟୋଜିତ ଯୁକ୍ତଦୁଇ ବିଜ୍ଞାନ, କଳା ଓ ବାଣିଜ୍ୟ ବାର୍ଷିକ ପରୀକ୍ଷାରେ **ନବରଙ୍ଗପୁର** ଜିଲ୍ଲାରେ ସର୍ବୋଚ୍ଚ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଆଜି ଜିଲ୍ଲାପାଳ  ଡକ୍ଟର ମହେଶ୍ୱର ସ୍ୱାଇଁ ସମ୍ବର୍ଦ୍ଧିତ କରିଛନ୍ତି। ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ସମସ୍ତ ଛାତ୍ରଛାତ୍ରୀଙ୍କୁ  ଉତ୍ସାହିତ କରିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ମତ ବ୍ୟକ୍ତ କରିଛନ୍ତି।

## ଅଂଶୁଘାତ

ରାଜ୍ୟରେ ଅଂଶୁଘାତଜନିତ ମୃତ୍ୟୁସଂଖ୍ୟା ୩ରେ ପହଞ୍ଚିଛି। ବଲାଙ୍ଗିର, ସୁନ୍ଦରଗଡ଼ ଓ ସୁବର୍ଣ୍ଣପୁର ଜିଲ୍ଲାରୁ ଜଣେ ଲେଖାଏଁ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ଉପ ସ୍ୱତନ୍ତ୍ର ରିଲିଫ କମିଶନର ପଦ୍ମନାଭ ବେହେରା ସୂଚନା ଦେଇଛନ୍ତି।

## ପାଣିପାଗ

ଓଡ଼ିଶା ଓ ନିକଟବର୍ତ୍ତୀ ଅଂଚଳ ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଆସନ୍ତା ସପ୍ତାହରେ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏହି ସମୟ ମଧ୍ୟରେ ରାଜ୍ୟର କେତେକ ଅଂଚଳରେ ପ୍ରବଳ ବର୍ଷା ହେବା ନେଇ ଅନୁମାନ କରାଯାଇଛି।

ଅନ୍ୟପକ୍ଷରେ, ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଗତକାଲି ୨୪ ଟି ସ୍ଥାନର ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ଉପରେ ରେକର୍ଡ କରାଯାଇଥିଲା। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗରମ ସହ ଗୁଳୁଗୁଳି ବୃଦ୍ଧି ପାଇବା ନେଇ ୨୪ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।